



# ସକ୍ଷମ କୃଷକ, ସମୃଦ୍ଧ ଭାରତ

## କୃଷକ ସୁରକ୍ଷା

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା**

**ଫସଲ ବୀମା ପାଇଁ ସରକାରଙ୍କ ତରଫରୁ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ସହାୟତା**

**କୃଷକମାନଙ୍କପାଇଁ ସବୁଠାରୁ କମ୍ ବୀମା ଦର**-ଏକ ଫସଲ-ଏକଦର (ଖରିଫ୍: ୨%, ରବି: ୧.୫%, ବ୍ୟବସାୟିକ ଏବଂ ଉଦ୍ୟାନକୃଷି ଫସଲ: ୫%)

**ପୂର୍ଣ୍ଣ ସୁରକ୍ଷା**- ଦାବି ରାଶିରେ କୌଣସି ହ୍ରାସ କିମ୍ବା ଉଚ୍ଚତମ ସୀମା ନାହିଁ ।

**ଆଖୁଚାଷୀଙ୍କ ପାଇଁ ପ୍ରଭାବୀ ନୀତିଗତ ନିଷ୍ପତ୍ତି**-ବକେୟାରାଶି ୨୧,୦୦୦କୋଟିରୁ ହ୍ରାସ କରାଯାଇ ୨,୫୦୦କୋଟି ଟଙ୍କା, ରପ୍ତାନୀ ଶୁଳ୍କ ବୃଦ୍ଧି, ଏଥେନଲ୍ ବ୍ଲେଣ୍ଡିରେ ୨୫୦% ବୃଦ୍ଧି ।

**ପ୍ରାକୃତିକ ବିପର୍ଯ୍ୟୟ ସହାୟତା ମାନଦଣ୍ଡ:** କ୍ଷତି ପୂରଣ ଦେଢ଼ଗୁଣ ବୃଦ୍ଧି, ଯୋଗ୍ୟତା ୫୦%ରୁ ହ୍ରାସ କରାଯାଇ ୩୩% କରାଯାଇଛି, ସରକାରୀକ୍ରୟ ମାନକ କୋହଳ, ଋଣ ପରିଶୋଧ ଏବଂ ସମୟ ସୀମାରେ ପରିବର୍ତ୍ତନ, ଡିଜେଲ୍‌ରେ ସବ୍‌ସିଡ଼ି ସହିତ ବିହନ ସବ୍‌ସିଡ଼ିରେ ୫୦% ବୃଦ୍ଧି ।

ଋଣ ପ୍ରାପ୍ତିକୁ ସହଜ କରିବା ପାଇଁ କୃଷିଋଣ ସୀମାବୃଦ୍ଧି କରି ୮.୫ଲକ୍ଷ କୋଟି ଟଙ୍କା କରାଯାଇଛି ।

**ବିଶ୍ୱ ବାଣିଜ୍ୟ ସଂଗଠନରେ** କୃଷକଙ୍କ ଦୀର୍ଘକାଳୀନ ସ୍ୱାର୍ଥର ସୁରକ୍ଷା ।

## କୃଷକ ଶକ୍ତି

**ପ୍ରଧାନମନ୍ତ୍ରୀ କୃଷି ଜଳସେଚନ ଯୋଜନା**-ଜଳସେଚନ ପ୍ରକଳ୍ପଗୁଡ଼ିକ ଏବଂ ଜଳାଶୟ ବିକାଶ (ସବୁ କ୍ଷେତକୁ ପାଣି), ବୁନ୍ଦ-ବୁନ୍ଦା ଏବଂ ସିଞ୍ଚନ ପ୍ରଣାଳୀରେ (ପ୍ରତିବୁନ୍ଦା-ଅଧିକ ଫସଲ) ଜଳସେଚନ ପ୍ରକଳ୍ପକୁ ଲକ୍ଷ୍ୟ ଅନୁରୂପ ପୂରା କରିବା ।

**ଦୀନ ଦୟାଲ ଉପାଧ୍ୟାୟ ଗ୍ରାମଜ୍ୟୋତି ଯୋଜନା**- କୃଷି କାର୍ଯ୍ୟ ଏବଂ ଗ୍ରାମଗୁଡ଼ିକୁ ବିଜୁଳି ଯୋଗାଣ ପାଇଁ ପୃଥକ ଯୋଗାଡ ବ୍ୟବସ୍ଥା ନିର୍ମାଣ ।

**ତିନିକୋଟି ପ୍ରଭାବୀ ପମ୍ପସେଟ୍ ବିତରଣର ଯୋଜନା:** ସିଞ୍ଚନ ସୁବିଧାରେ ସୁଧାର ଏବଂ କୃଷି ଆୟରେ ବୃଦ୍ଧି ।

**ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼-ସୁସ୍ଥ ଧରା**- କ୍ଷେତ ସବୁଜଭରା, ୭୯ଲକ୍ଷ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ବିତରଣ, ମାର୍ଚ୍ଚ ୨୦୧୭ ପର୍ଯ୍ୟନ୍ତ ସମସ୍ତଙ୍କୁ ବିତରଣ କରିବାର ଲକ୍ଷ୍ୟ ।

**ୟୁରିଆରେ ନିମ୍ବର ଆସ୍ତରଣ**- ସାରର କ୍ଷମତା ବୃଦ୍ଧି ଏବଂ ଅନ୍ୟ ପ୍ରୟୋଗଗୁଡ଼ିକ ରୋକିବା ।

**ନୂତନ ସାର ନୀତି**- ସାର ନିଅଣ୍ଟକୁ ପ୍ରତିରୋଧ କରିବା ଏବଂ ପୂର୍ଣ୍ଣ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ସାର ଉତ୍ପାଦନରେ ବୃଦ୍ଧି ।

**ରାଜ୍ୟଗୁଡ଼ିକ ସହିତ ସଂଯୁକ୍ତ ଜାତୀୟ କୃଷି ବଜାର ବିକଶିତ କରିବା**- ଇ ପ୍ଲାଟ୍‌ଫର୍ମ ସ୍ଥାପନ କରିବା ।

**କିଷାନ ଟିଭି**- କୃଷକମାନଙ୍କୁ ପାଣିପାଗ, କୃଷକ ବଜାର ଏବଂ ଅନ୍ୟ ପରିସଂଖ୍ୟାନରେ ସହାୟତା ପାଇଁ ସପ୍ତାହର ୭ଦିନ ୨୪ଘଣ୍ଟିଆ ଚ୍ୟାନେଲ୍ ।

## କୃଷକ ଉନ୍ନତି

**ପରମ୍ପରାଗତ କୃଷି ବିକାଶ ଯୋଜନା**-ପ୍ରଥମଥର ପାଇଁ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଯୋଜନା ।

**ନୀଳ ବିପ୍ଳବ**- ମତ୍ସ୍ୟଚାଷରେ ବିକାଶହାର ୫.୮ ପ୍ରତିଶତରୁ ବୃଦ୍ଧି ପାଇ ୭.୨୫ ପ୍ରତିଶତ ହୋଇଛି ।

**ଶ୍ୱେତ ବିପ୍ଳବ**- ଦୁଗ୍ଧ ଉତ୍ପାପଦନ ୧୪୬ମିଲିୟନ ଟନ୍‌ରୁ ବୃଦ୍ଧି ପାଇଁ ୧୬୦ ମିଲିୟନ ଟନ୍ ହୋଇଛି ।

**ରାଷ୍ଟ୍ରୀୟ ଗୋକୁଳ ମିଶନ**- ସ୍ୱଦେଶୀ ପ୍ରଜାତିର ଗୋ-ସଂପଦ ସଂରକ୍ଷଣ ଓ ବିକାଶ ପାଇଁ ବିଗତ ୧୮ମାସରେ ୫୫୦କୋଟି ଟଙ୍କାର ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ।

Print & Design: ankitagraphics, Bhubaneswar, Cell: 9437077337





# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

**ଛୋଟ ପ୍ରିମିୟମ ବଡ଼ ବୀମା**

सत्यमेव जयते

**ପ୍ରଧାନମନ୍ତ୍ରୀ**

**ମୋର ପ୍ରିୟ କୃଷକ ଭାଇ ଓ ଭଉଣୀ,**

'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ର ଖବର ଆପଣଙ୍କ ନିକଟରେ ପହଞ୍ଚି ସାରିଥିବ । ଆମ ଦେଶରେ କୃଷକ ସର୍ବଦା ନିଜକୁ ଅସୁରକ୍ଷିତ ଅନୁଭବ କରି ଆସିଛି, କେବେ ପ୍ରାକୃତିକ ବିପର୍ଯ୍ୟୟ ତ କେବେ ବଜାର ଦର ଖସିବା କାରଣରୁ । ବିଗତ ୧୮ମାସରେ ମୋ ସରକାର ଏହି ସଂକଟ ସମୟରେ ସହାୟତା ପହଞ୍ଚାଇବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି ।

କୃଷକମାନଙ୍କ ପାଇଁ ବୀମା ଯୋଜନା ପୂର୍ବରୁ ମଧ୍ୟ ଥିଲା । କିନ୍ତୁ ଏହା ଅନେକ କାରଣରୁ ସଫଳ ହୋଇ ପାରୁନଥିଲା- କେବେ ପ୍ରିମିୟମର ଦର ଅତ୍ୟଧିକ, କେବେ କ୍ଷତିର ଦାବି ରାଶି ବହୁତ କମ୍, ତ କେବେ ସ୍ଥାନୀୟ କ୍ଷତି ଅନ୍ତର୍ଭୁକ୍ତ ନୁହେଁ । ପରିଣାମ ସ୍ୱରୂପ, ଅତି ବେଶୀରେ ୨୦ପ୍ରତିଶତ କୃଷକ ହିଁ ଏଥିରେ ସାମିଲ ହେଉଥିଲେ, ଏବଂ ନିଜର ଅଧିକାର ପାଇବା ପାଇଁ ସେମାନଙ୍କୁ ମଧ୍ୟ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ତେଣୁ, ବୀମା ଯୋଜନାଗୁଡ଼ିକ ଉପରୁ କୃଷକଙ୍କ ଭରସା ଉଠି ଯାଇଥିଲା ।

ଏହାକୁ ଦୃଷ୍ଟିରେ ରଖି ଆମେ ରାଜ୍ୟଗୁଡ଼ିକସହ, କୃଷକମାନଙ୍କ ସହ ଓ ବୀମା କମ୍ପାନୀଗୁଡ଼ିକ ସହ ଗହନ ବିଚାର-ବିମର୍ଷ କଲୁ ଏବଂ ଏବେ ମୁଁ ନିଜର ପ୍ରିୟ କୃଷକ ଭାଇ-ଭଉଣୀଙ୍କ ଚରଣରେ କୃଷକଙ୍କୁ ବ୍ୟାପକ ଲାଭ ପହଞ୍ଚାଉଥିବା 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା' ସାଦର ସମର୍ପିତ କରୁଛି ।

ଏହି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ବୈଶିଷ୍ଟ୍ୟାବଳୀଗୁଡ଼ିକ ହେଲା:

- **ଫସଲ ବୀମାରେ ଏହା ସରକାରଙ୍କ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ସହାୟତା ।**
- ଫଳସ୍ୱରୂପ କୃଷକଙ୍କ ପାଇଁ ଏହା ଏ ପର୍ଯ୍ୟନ୍ତର ସବୁଠାରୁ କମ୍ ପ୍ରିମିୟମ ଦର ହେବ ।
- ବଳକା ଭାର ସରକାରଙ୍କ ଦ୍ୱାରା ବହନ କରାଯିବ- ୯୦%ରୁ ଅଧିକ ହୋଇଥିଲେ ମଧ୍ୟ ।
- ଖାଦ୍ୟାନ୍ନ, ଡାଲି, ତୈଳବୀଜ ଫସଲପାଇଁ ଏକରତୁ, ଏକ ଦର ହେବ-ପୃଥକ ଜିଲ୍ଲା ଏବଂ ଫସଲ ପାଇଁ ଥିବା ପୃଥକ-ପୃଥକ ଦରରୁ ଏବେ ମୁକ୍ତି ମିଳିବ-ଖରିଫ: ମାତ୍ର ୨% ଓ ରବି: ମାତ୍ର ୧.୫% ।
- **ସମ୍ପୂର୍ଣ୍ଣ ସଂରକ୍ଷଣ ମିଳିବ**-ବୀମା ଉପରେ କୌଣସି କ୍ୟାପିଂ ରହିବନାହିଁ ଏବଂ ଏହି କାରଣରୁ ଦାବି ରାଶିରେ ହ୍ରାସ କିମ୍ବା କାଟ ମଧ୍ୟ କରାଯିବନାହିଁ ।
- ପ୍ରଥମଥର ପାଇଁ ଜଳ ଜମିବାକୁ ସ୍ଥାନୀୟ ବିପଦ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି ।
- ପ୍ରଥମଥର ପାଇଁ ସାରା ଦେଶରେ ଫସଲ ଅମଳ ପରେ ଘୂର୍ଣ୍ଣିବାତ୍ୟ ଏବଂ ଅସମୟ ବର୍ଷାର ବିପଦକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।
- ପ୍ରଥମଥର ପାଇଁ ଠିକ୍ ଆକଳନ ଏବଂ ଶୀଘ୍ର ଦେୟ ପୈଠପାଇଁ ମୋବାଇଲ୍ ଏବଂ ସାଟେଲାଇଟ୍ ଟେକ୍ନୋଲୋଜିର ବ୍ୟାପକ ଉପଯୋଗ ଉପରେ ଜୋର ଦିଆଯାଇଛି ।

ଆସନ୍ତା ଖରିଫ ଫସଲରୁ ଏହି ଯୋଜନା ଲାଗୁ ହୋଇଯିବ । ଏହି ଯୋଜନାରେ ଯୋଗଦେବା ସହଜ ଏବଂ ସୁରକ୍ଷା ସର୍ବାଧିକ । **ମୁଁ ଆପଣଙ୍କୁ ଏଥିରେ ସାମିଲ୍ ହେବାପାଇଁ ଆହ୍ୱାନ କରୁଛି ।**

ଆପଣଙ୍କର

ନରେନ୍ଦ୍ର ମୋଦି

**କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**



**ପ୍ରଶ୍ନ: ଫସଲ ବୀମା କ’ଣ ?**

**ଉତ୍ତର:** ଫସଲ ବୀମା ହେଉଛି କୃଷକଙ୍କ ଫସଲ ସହିତ ଜଡ଼ିତ ବିପଦ କାରଣରୁ ସମ୍ଭାବ୍ୟ କ୍ଷତିରୁ ସୁରକ୍ଷାର ମାଧ୍ୟମ । ଏହାଦ୍ୱାରା କୃଷକମାନେ ସମ୍ମୁଖୀନ ହେଉଥିବା ଆକସ୍ମିକ ବିପଦ କିମ୍ବା ଖରାପ ପାଣିପାଗଜନିତ ଫସଲ ହାନିର କ୍ଷତିପୂରଣ ମିଳିଥାଏ ।

**ପ୍ରଶ୍ନ: ବର୍ତ୍ତମାନ କେଉଁକେଉଁ ଫସଲବୀମା ଯୋଜନା ଚାଲୁ ରହିଛି ?**

**ଉତ୍ତର:** ବର୍ତ୍ତମାନ ଜାତୀୟ କୃଷି ବୀମା ଯୋଜନା(ଏନ୍.ଏ.ଆଇ.ଏସ୍), ସଂଶୋଧିତ ରାଷ୍ଟ୍ରୀୟ କୃଷି ବୀମା ଯୋଜନା (ଏମ୍.ଏନ୍.ଏ.ଆଇ.ଏସ୍), ଋତୁଭିତ୍ତିକ ଫସଲ ବୀମା ଯୋଜନା (ଡବ୍ଲୁ.ବି.ସି.ଆଇ.ଏସ୍) ଏବଂ ନାରିକେଳ ପାମ୍ ବୀମା ଯୋଜନା (ସି.ପି.ଆଇ.ଏସ୍.) ଚାଲୁ ରହିଛି । ଜାତୀୟ କୃଷି ବୀମା ଯୋଜନା ଏବଂ ସଂଶୋଧିତ କୃଷି ବୀମା ଯୋଜନାକୁ ରବି ୨୦୧୫-୧୬ପରେ ବନ୍ଦକରି କୃଷକଙ୍କୁ ଅଧିକ ସୁରକ୍ଷା ପ୍ରଦାନ କରିବା ପାଇଁ ଏବେ ଖରିଫ୍ ୨୦୧୬ଠାରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପି.ଏମ୍.ଏଫ୍.ବି.ୱାଇ) ଆରମ୍ଭ କରାଯାଇଛି ।

**ପ୍ରଶ୍ନ: ପୂର୍ବବର୍ତ୍ତୀ ଯୋଜନା ଏନ୍.ଏ.ଆଇ.ଏସ୍. ଏବଂ ଏମ୍.ଏନ୍.ଏ.ଆଇ.ଏସ୍.କୁ ରବି ୨୦୧୫-୧୬ପରେ କାହିଁକି ବନ୍ଦ କରାଯାଉଛି ?**

**ଉତ୍ତର:** ଏହି ଯୋଜନାରେ ଏପରି କେତେକ ବ୍ୟବସ୍ଥାପନ ଥିଲା, ଯେଉଁ କାରଣରୁ କୃଷକଙ୍କୁ ଅଧିକ ପ୍ରିମିୟମ ଦେବା ସତ୍ତ୍ୱେ କ୍ଷତିର ଯଥାର୍ଥ କ୍ଷତି ପୂରଣ ମିଳିପାରୁ ନଥିଲା । ବୀମାକୃତ ପ୍ରିମିୟମ ଅଧିକ ପ୍ରିମିୟମ ହେବା ଓ ପ୍ରିମିୟମ ଉପରେ କ୍ୟାପିଂ କାରଣରୁ ବୀମାର ମୂଳ ରାଶି ହ୍ରାସ କରିଦିଆଯାଉଥିଲା, ଏହା ବ୍ୟତୀତ ଅଧିକ ଆଶଙ୍କା ପ୍ରବଣ ଜିଲ୍ଲାରେ ଅଧିକ ପ୍ରିମିୟମ ଦେବାକୁ ପଡୁଥିଲା, ନିକଟବର୍ତ୍ତୀ ଜିଲ୍ଲାରେ ପ୍ରିମିୟମର ଦର ମଧ୍ୟରେ ପାର୍ଥକ୍ୟ ରହୁଥିଲା ଏବଂ କୃଷକଙ୍କ ଦାବିରାଶି ପୈଠରେ ବହୁତ ବିଳମ୍ବ ହେଉଥିଲା । ଏହି ଯୋଜନା ଗୁଡ଼ିକ କୃଷକଙ୍କ ପାଇଁ ଅଧିକ ସହାୟକ ଓ ଲାଭଦାୟକ ନଥିଲା । ଏହି କାରଣରୁ ରବି ୨୦୧୫-୧୬ ପରେ ଏଗୁଡ଼ିକୁ ବନ୍ଦ କରିଦିଆଯିବ ।

**ପ୍ରଶ୍ନ: ନୂଆ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପି.ଏମ୍.ଏଫ.ବି.ୱାଇ)ରେ କୃଷକଙ୍କୁ ସର୍ବାଧିକ କେତେ ପ୍ରିମିୟମ ଦେବାକୁ ପଡ଼ିବ ?**

**ଉତ୍ତର:** ଏହି ଯୋଜନାରେ କୃଷକଙ୍କୁ ପୁରୁଣା ସମସ୍ତ ଯୋଜନାରେ ସବୁଠାରୁ କମ୍ ପ୍ରିମିୟମ ରାଶି ଦେବାକୁ ପଡ଼ିବ । ଚାଷୀମାନଙ୍କୁ ପ୍ରିମିୟମ ରାଶିର ବୋଝ ଏବେ ଅନୁଭୂତ ହେବନାହିଁ । ଏହି ବୋଝ କାରଣରୁ ପୂର୍ବରୁ ଅନେକ କୃଷକ ବୀମା କରାଉନଥିଲେ ଏବଂ ସେମାନଙ୍କ କ୍ଷତି ପାଇଁ କୌଣସି କ୍ଷତିପୂରଣ ମିଳୁନଥିଲା । ନୂତନ ଯୋଜନାରେ ଏବେ ସବୁ ଫସଲ ପାଇଁ ଖରିଫରେ ସର୍ବାଧିକ ୨ପ୍ରତିଶତ ଏବଂ ରବିରେ ୧.୫ପ୍ରତିଶତ ବୀମା ଦର ସ୍ଥିର କରାଯାଇଛି । ଏହା ବ୍ୟତୀତ ବାର୍ଷିକ ଉଦ୍ୟାନ କୃଷି / ବ୍ୟବସାୟିକ ଫସଲ ପାଇଁ ପ୍ରିମିୟମ ସର୍ବାଧିକ ୫ପ୍ରତିଶତ କରାଯାଇଛି । ଏହି ଦର ପୂର୍ବାପେକ୍ଷା ବହୁତ କମ୍ ।

**ପ୍ରଶ୍ନ: ପୂର୍ବବର୍ତ୍ତୀ ଯୋଜନାଭଳି ଏହି ନୂଆ ଯୋଜନାରେ ମଧ୍ୟ କୃଷକଙ୍କୁ କ୍ୟାପିଂ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ କି ?**

**ଉତ୍ତର:** ନା, ପୂର୍ବବର୍ତ୍ତୀ ଯୋଜନାରେ ଅଧିକ ପ୍ରିମିୟମ ହୋଇଥିବା କାରଣରୁ ବୀମାରାଶିର ସୀମା ଧାର୍ଯ୍ୟ କରିବା ଦ୍ୱାରା କ୍ଷତିଜନିତ କ୍ଷତି ପୂରଣ ରାଶି କମ୍ ହୋଇଯାଉଥିଲା, ଏଥିପାଇଁ ନୂଆ ଯୋଜନାରେ ଏହି ବ୍ୟବସ୍ଥାପନକୁ ବନ୍ଦ କରିଦିଆଯାଇଛି । ଏବେ କୃଷକଙ୍କୁ ବୀମା ରାଶି ଅନୁଯାୟୀ ପୂରା କ୍ଷତିପୂରଣ ମିଳିପାରିବ ।

**ପ୍ରଶ୍ନ: ଏହି ଯୋଜନାରେ କେଉଁକେଉଁ ବିପଦକୁ ଅନ୍ତର୍ଭୁକ୍ତ କରାଯାଇଛି ?**

**ଉତ୍ତର:** ଏହି ଯୋଜନା ଅଧିନରେ ନିମ୍ନଲିଖିତ ବିପଦକୁ ଅନ୍ତର୍ଭୁକ୍ତ କରାଯାଇଛି ।

୧) ଫସଲ କ୍ଷତି ଆଧାରରେ-ଏହି ଯୋଜନାରେ ଅଗ୍ନିକାଣ୍ଡ ସହିତ ବଜ୍ରପାତ, ବାତ୍ୟା, କୁଆପଥର ବୃଷ୍ଟି, ଘୂର୍ଣ୍ଣିବାତ୍ୟା, ଝଡ଼, ଜଳଜମିବା, ଭୂସ୍ଖଳନ, ମରୁଡ଼ି, ଖରାପ ପାଣିପାଗ, କୀଟ ଏବଂ ଫସଲରେ ହେଉଥିବା ରୋଗ ଇତ୍ୟାଦି କାରଣରୁ ଫସଲରେ ହେଉଥିବା କ୍ଷତିକୁ ଅନ୍ତର୍ଭୁକ୍ତ କରାଯାଇ ଏପରି ଏକ ବୀମା ଅନ୍ତର୍ଭୁକ୍ତତା ଦିଆଯିବ ଯାହା ମଧ୍ୟରେ ଏହି କାରଣରୁ ହେଉଥିବା ସବୁ କ୍ଷତିରୁ ସୁରକ୍ଷା ପ୍ରଦାନ କରାଯିବ ।

୨) ସଂରକ୍ଷିତ ବୁଣା ଆଧାରରେ- ଯଦି ବୀମାଭୁକ୍ତ କୃଷକ ବୁଣା/ରୋପଣ ପାଇଁ ଖର୍ଚ୍ଚ କରିବା ସତ୍ତ୍ୱେ ଖରାପ ପାଣିପାଗ କାରଣରୁ ବୁଣା/ରୋପଣ କରିନପାରନ୍ତି ତେବେ ବୀମାକୃତ ରାଶିର ୨୫ପ୍ରତିଶତ ପର୍ଯ୍ୟନ୍ତ ଦାବି କରିପାରିବେ ।

୩) ଫସଲ କଟା ପରେ ରଖାଯାଇଥିବା ଫସଲକୁ ଘୂର୍ଣ୍ଣିବାତ୍ୟା, ଅସମୟ ବର୍ଷା ଏବଂ ସ୍ଥାନୀୟ ବିପଦ ଯେପରି କୁଆପଥର, ଭୂସ୍ଖଳନ ଓ ଜଳଜମିବା କାରଣରୁ ହୋଇଥିବା କ୍ଷତିର ଆକଳନ ପ୍ରଭାବୀ ଚାଷ ଜମି ଭିତ୍ତିରେ କରାଯିବ ଏବଂ ସେହି ଅନୁଯାୟୀ କୃଷକଙ୍କ କ୍ଷତିର ଆକଳନ କରାଯାଇ ଦାବୀ ସ୍ଥିର କରାଯିବ ।

**ପ୍ରଶ୍ନ: ଏହି ଯୋଜନା ଅଧିନରେ କେଉଁକେଉଁ ରାଜ୍ୟ ଭାଗୀଦାର ଅଟନ୍ତି ?**

**ଉତ୍ତର:** ଏହି ଯୋଜନା ସମସ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳପାଇଁ ଇଚ୍ଛାଧିନ । ତେଣୁ ଏହି ଯୋଜନାରେ ସବୁରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ସାମିଲ୍ ହୋଇପାରିବେ ।



**ପ୍ରଶ୍ନ: ଏହି ଯୋଜନା ଅଧୀନରେ କେଉଁ କେଉଁ କୃଷକ କେଉଁକେଉଁ ଫସଲର ବୀମା କରିପାରିବେ ?**

**ଉତ୍ତର:** ରାଜ୍ୟ ସରକାର/କେନ୍ଦ୍ର ଶାସିତ ଅଞ୍ଚଳଦ୍ୱାରା ସ୍ଥିର କରାଯାଇଥିବା ଅଞ୍ଚଳରେ ନିର୍ଦ୍ଧାରିତ ଫସଲ ଯାହାକି ଶସ୍ୟ, ଖାଦ୍ୟାନ୍ନ, ତୈଳବୀଜ, ବାର୍ଷିକ ବ୍ୟବସାୟିକ ଏବଂ ଉଦ୍ୟାନକୃଷି ଫସଲ ହୋଇପାରେ, ଏହି ସବୁ ଚାଷ କରୁଥିବା କୃଷକମାନେ ବୀମା କରାଇ ପାରିବେ । ନୂଆ ବୀମାଯୋଜନା, ସ୍ଥିରୀକୃତ ଅଞ୍ଚଳରେ କେସିସି ଖାତାଧାରକ କୃଷକଙ୍କ (ଯେଉଁମାନଙ୍କୁ ଋଣୀ କୃଷକ କୁହାଯାଏ) ପାଇଁ ବାଧ୍ୟତାମୂଳକ । ତେବେ ଅନ୍ୟ ସମସ୍ତ କୃଷକ ଚାହିଁଲେ ବୀମାର ଲାଭ ଉଠାଇ ପାରିବେ ।

**ପ୍ରଶ୍ନ: ଏହି ଯୋଜନା ଅଧୀନରେ କୃଷକ କିପରି ବୀମା ହାସଲ କରିପାରିବେ ?**

**ଉତ୍ତର:** ଏହି ଯୋଜନା ଅଧୀନରେ, ବ୍ୟାଙ୍କ୍ କେସିସି ଖାତାଧାରକ କୃଷକଙ୍କ ଯେଉଁମାନଙ୍କୁ ଋଣୀ କୃଷକ କୁହାଯାଏ) ପାଇଁ ଜରୁରୀ ପ୍ରିମିୟମ ବୀମାଗୁଡ଼ିକୁ ନିଜେନିଜେ ପଠାଇ ଦିଅନ୍ତି ଏବଂ ଏହା ସେହି କୃଷକମାନଙ୍କ ବୀମା ହୋଇଯାଏ । ଅନ୍ୟ ସମସ୍ତ କୃଷକ ନିକଟସ୍ଥ ବ୍ୟାଙ୍କ୍ କିମ୍ବା ନିର୍ଦ୍ଧାରିତ ବୀମା କମ୍ପାନୀର ସ୍ଥାନୀୟ ଏଜେଣ୍ଟଙ୍କୁ ପ୍ରିମିୟମ ପୈଠ କରି ଫସଲ ବୀମା କରାଇପାରିବେ ।

**ପ୍ରଶ୍ନ: ନୂତନ ଫସଲ ବୀମା ଯୋଜନାରେ କ୍ଷେତୱାରି କ୍ଷତି ଆକଳନର ନିୟମ ଅଛି କି ?**

**ଉତ୍ତର:** ନୂତନ ବୀମା ଯୋଜନାରେ ଏହି ନିୟମ ପ୍ରସ୍ତୁତ କରାଯାଇଛି କି ସ୍ଥାନୀୟ ବିପଦ ଯେପରି କୁଆପଥର, ଭୂସ୍ଖଳନ ଓ ଜଳଜମିବା କାରଣରୁ ହୋଇଥିବା କ୍ଷତି ପାଇଁ ଯୋଜନାରେ କ୍ଷେତୱାରି କ୍ଷତିର ଆକଳନ କରାଯିବ । ଠିକ୍ ସେହିଭଳି ଫସଲ କରାହେବା ପରେ ଚାଷ ଜମିରେ ରଖାଯାଇଥିବା ଫସଲ କଟା ହେବାର ୧୪ ଦିନ ମଧ୍ୟରେ ଘୂର୍ଣ୍ଣିବାତ୍ୟା ଏବଂ ଅସମୟ ବର୍ଷା କାରଣରୁ ହେଉଥିବା କ୍ଷୟକ୍ଷତି ଉପରେ ମଧ୍ୟ କ୍ଷେତୱାରି ଆକଳନ କରାଯାଇ ଦେୟ ପୈଠର ନିୟମ ପ୍ରସ୍ତୁତ କରାଯାଇଛି ।

**ପ୍ରଶ୍ନ: ଏହି ଯୋଜନାରେ ଖରାପ ପାଣିପାଗ କାରଣରୁ ବୁଣା/ରୋପଣ କରି ନ ପାରିବାଜନିତ କ୍ଷତି ପାଇଁ କ୍ଷତିପୂରଣ ବ୍ୟବସ୍ଥା ଅଛି କି ?**

**ଉତ୍ତର:** ହଁ, ଖରାପ ପାଣିପାଗ କାରଣରୁ ବୀମାଭୁକ୍ତ ଫସଲ ବୁଣା/ରୋପଣ କରି ନ ପାରିଲେ ବୀମା ରାଶିର ୨୫ ପ୍ରତିଶତ ପର୍ଯ୍ୟନ୍ତ ସିଧାସଳଖ କୃଷକଙ୍କ ଖାତାରେ ଜମା କରିବାର ବ୍ୟବସ୍ଥା ଏହି ଯୋଜନାରେ କରାଯାଇଛି ।

**ପ୍ରଶ୍ନ: ଫସଲ ବୀମାରେ କ୍ଷୟକ୍ଷତିଜନିତ ଦାବି ପୈଠକୁ ଶୀଘ୍ର କରିବା ପାଇଁ କୌଣସି ଉପାୟ କରାଯାଇଛି କି ?**

**ଉତ୍ତର:** ନୂତନ ଯୋଜନାରେ ସ୍ମାର୍ଟ ଫୋନ୍‌ରେ ଫସଲ ଅମଳ ଆକଳନର ଫଟୋ ଉଠାଇ ସର୍ଭରରେ ଅପଲୋଡ୍ କରାଯିବ, ଯାହାଦ୍ୱାରା ଫସଲ ଅମଳର ପରିସଂଖ୍ୟାନ ଯଥାଶୀଘ୍ର ବୀମା କମ୍ପାନୀକୁ ମିଳିପାରିବ । ଏହା ଦ୍ୱାରା ଦାବିଗୁଡ଼ିକ ପୈଠ କରିବାରେ ଲାଗୁଥିବା ସମୟ ଯଥେଷ୍ଟ କମ୍ ହୋଇଯିବ । ରିମୋର୍ଟ ସେନ୍‌ସିଂ ଏବଂ ଡ୍ରୋନ୍ ଭଳି କୌଶଳ ବ୍ୟବହାର ଦ୍ୱାରା ଫସଲ ଅମଳ ପ୍ରୟୋଗ ସଂଖ୍ୟାକୁ କମ୍ କରିବା ଏବଂ କ୍ଷୟକ୍ଷତିର ଆକଳନରେ ସହାୟତା ମିଳିପାରିବ ।

**ପ୍ରଶ୍ନ: ଏହି ଯୋଜନା ଅଧୀନରେ ବୀମାର ଏକକ କ’ଣ ?**

**ଉତ୍ତର:** ଏହି ଯୋଜନା କ୍ଷେତ୍ରୀୟ ଦୃଷ୍ଟିକୋଣ ଆଧାରରେ କାର୍ଯ୍ୟାନ୍ୱିତ କରାଯିବ । ମୁଖ୍ୟ ଫସଲ ପାଇଁ ବୀମା ଏକକ ଗ୍ରାମ/ଗ୍ରାମପଞ୍ଚାୟତ ସ୍ତରରେ ହେବ ଏବଂ ଅନ୍ୟ ଫସଲ ପାଇଁ ବୀମା ଏକକ ରାଜ୍ୟ ସରକାରଙ୍କଦ୍ୱାରା ସ୍ଥିର କରାଯିବ ଏବଂ ଏହା ଗ୍ରାମ/ଗ୍ରାମପଞ୍ଚାୟତଠାରୁ ବଡ଼ ସ୍ତରରେ ମଧ୍ୟ ହୋଇପାରେ ।

**ପ୍ରଶ୍ନ: ଏହି ଯୋଜନା ଅଧୀନରେ କୃଷକମାନଙ୍କ ପାଇଁ ବୀମାକୃତ ରାଶି କ’ଣ ହେବ ?**

**ଉତ୍ତର:** ଏହି ଯୋଜନା ଅଧୀନରେ ବୀମାକୃତ ରାଶି ଜିଲ୍ଲାସ୍ତରୀୟ ବୈଷୟିକ ସମିତି (ଡିଏଲ୍‌ଟିସି) ଦ୍ୱାରା ସେହି ଫସଲପାଇଁ ସ୍ଥିର ଆର୍ଥିକ ପରିମାଣ ସହ ସମାନ ହେବ ।

**ପ୍ରଶ୍ନ: ପୂର୍ବବର୍ତ୍ତୀ ଋତୁ ଆଧାରିତ ଫସଲ ବୀମା ଯୋଜନାରେ କ’ଣ ସଂଶୋଧନ କରାଯାଇଛି ?**

**ଉତ୍ତର:** ଋତୁ ଆଧାରିତ ଫସଲବୀମା ଯୋଜନାକୁ ସଂଶୋଧନ କରାଯାଇ ପ୍ରଶାସନିକ ମାନକ ଏବଂ ପରିଚାଳନାର ବ୍ୟବସ୍ଥାପନ ଏବେ ପିଏମ୍ଏଫ୍‌ବିୱାଇ ସହ ସମାନ କରି ଦିଆଯାଇଛି ଯେପରି ଏହି ଯୋଜନା ଅଧିନରେ ଏବେ କୃଷକଙ୍କ ଭାଗର ପ୍ରିମିୟମ ଦରକୁ ସବୁ ଫସଲ ପାଇଁ ଖରିଫ୍‌ରେ ସର୍ବାଧିକ ୨ପ୍ରତିଶତ ତଥା ରବିରେ ସର୍ବାଧିକ ୧.୫ ପ୍ରତିଶତ କରାଯାଇଛି ଏବଂ ବାର୍ଷିକ ଉଦ୍ୟାନକୃଷି-ବାଣିଜ୍ୟିକ ଫସଲ ପାଇଁ କୃଷକଙ୍କ ପ୍ରିମିୟମ ଦରକୁ ସର୍ବାଧିକ ୫ପ୍ରତିଶତ କରିଦିଆଯାଇଛି ତଥା ବୀମାକୃତ ରାଶି ଉପରେ କ୍ୟାପିଂର ବ୍ୟବସ୍ଥାପନ ମଧ୍ୟ ଉଚ୍ଛେଦ କରାଯାଇଛି, ଯାହାଦ୍ୱାରା କୃଷକଙ୍କୁ ସଂପୂର୍ଣ୍ଣ ବୀମାରାଶିର କ୍ଷତିପୂରଣ ମିଳିପାରିବ ।

**ବୀମାପାଇଁ ନିଜର ନିକଟସ୍ଥ ବ୍ୟାଙ୍କ୍‌ଶାଖା, କୃଷି ସମବାୟ ସମିତି, ବୀମା କମ୍ପାନୀ କିମ୍ବା ସେମାନଙ୍କ ଏଜେଣ୍ଟଙ୍କ ସହ ଯୋଗାଯୋଗ କରନ୍ତୁ ।**

**ଅଧିକ ସୂଚନା ପାଇଁ www.agri-insurance.gov.in ଦେଖନ୍ତୁ**

**କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର ।**